# NATIONAL NEWS BULLETIN (ODIA)

## 21 April - 2024

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ମହାବୀର ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ୨ହଜାର ୫୫୦ତମ ଭଗବାନ ମହାବୀର ନିର୍ବାଣ ମହୋତ୍ସବର ଶୁଭାରମ୍ଭ କରିବେ ।
- ଦେଶରେ ଅବଶିଷ୍ଟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋର୍‌ଦାର ହୋଇଛି ।
- ଚଳିତବର୍ଷ ଫେବୃୟାରୀ ମାସରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଇପିଏଫ୍‌ଓରେ ୧୫ଲକ୍ଷ ୪୮ହଜାର ସଦସ୍ୟ ଯୋଡ଼ି ହୋଇଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦିଲ୍ଲୀ କ୍ୟାପିଟାଲ୍‌ସ୍‌କୁ ୬୭ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି ।

# ପିଏମ୍-ମହାବୀର ଜୟନ୍ତୀ

ମହାବୀର ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ୨ହଜାର ୫୫୦ତମ ଭଗବାନ ମହାବୀର ନିର୍ବାଣ ମହୋତ୍ସବର ଶୁଭାରମ୍ଭ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସକାଳ ୧୦ଟା ସମୟରେ ସମବେତ ଜନତାଙ୍କୁ ସମ୍ବୋଧନ କରିବା ସହିତ ଏକ ସ୍ମାରକୀ ଡାକଟିକଟର ମଧ୍ୟ ଉନ୍ମୋଚନ କରିବେ ।

୨୪ତମ ତୀର୍ଥଙ୍କର ଭଗବାନ ମହାବୀର ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚାର୍ଯ୍ୟ ଏବଂ ଅପରିଗ୍ରହ ଭଳି ଜୈନ ନୀତିଗୁଡ଼ିକ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଭାଇଚାରାର ପଥ ପ୍ରଦର୍ଶନ କରିଥିଲେ ।

# ପ୍ରେଜ୍-ମହାବୀର ଜୟନ୍ତୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାବୀର ଜୟନ୍ତୀ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ମହାବୀର ଜୟନ୍ତୀ ହେଉଛି ଅହିଂସା ଓ କରୁଣାର ପ୍ରତୀକ ଭଗବାନ ମହାବୀରଙ୍କର ଜନ୍ମଜୟନ୍ତୀ । ରାଷ୍ଟ୍ରପତି କହିଛନ୍ତି ମହାବୀର ଜୟନ୍ତୀ ଆମକୁ ପ୍ରେମ ଏବଂ ଶାନ୍ତିର ବାର୍ତ୍ତା ଦେଇଥାଏ । ଭଗବାନ ମହାବୀର ଆମକୁ ଅହିଂସା, ସତ୍ୟ,

ଆତ୍ମତ୍ୟାଗ ଏବଂ ବ୍ରହ୍ମଚାର୍ଯ୍ୟର ପଥ ପ୍ରଦର୍ଶନ କରିଥାନ୍ତି । ତାଙ୍କ ବାଣୀ ସର୍ବଦା ଜନକଲ୍ୟାଣ ପାଇଁ ପ୍ରାସଙ୍ଗିକ । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଆମେ ସମାଜରେ ପ୍ରେମ ଓ ସଂହତି ବଜାୟ ରଖିବା ପାଇଁ ଶପଥ ନେବା ସହିତ ଦେଶର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ।

# ପିଏମ୍-ଇଣ୍ଟରଭ୍ୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରାଯିବା ଆବଶ୍ୟକ ଏବଂ ସରକାର ଓ ରାଜନେତାମାନେ ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ପ୍ରଧାନମନ୍ତ୍ରୀ ଏକ ଘରୋଇ ନିଉଜ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେବା ଅବସରରେ କେନ୍ଦ୍ରୀୟ ଏଜେନ୍ସୀ ଗୁଡ଼ିକର ଅପବ୍ୟବହାର ଅଭିଯୋଗ ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି କେନ୍ଦ୍ରୀୟ ଏଜେନ୍ସୀ ଗୁଡ଼ିକ ସେମାନଙ୍କର କାର୍ଯ୍ୟ କରୁଛନ୍ତି ଏବଂ ଜଣେ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ମଧ୍ୟ ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ । ସେ କହିଛନ୍ତି ୨୦୧୪ ପୂର୍ବରୁ ଇଡି ୮୪ଟି ଖାନ୍‌ତଲାସୀ କରିଥିଲା ଏବଂ ୨୦୧୪ ପରେ ସମୁଦାୟ ୭ହଜାରରୁ ଅଧିକ ତଦନ୍ତ କରାଯାଇଛି । ଯାହାକି ଏହି ନିର୍ଦ୍ଦେଶାଳୟର ଦକ୍ଷତାକୁ ପ୍ରତିପାଦିତ

କରୁଛି । ଅନ୍ୟଏକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶର ପ୍ରତ୍ୟେକ ନାଗରିକ ତଥା ବିଶେଷକରି ଗରିବଙ୍କୁ ସଶକ୍ତ କରିବା ତାଙ୍କ ସରକାରଙ୍କର ପ୍ରାଧାନ୍ୟ ରହିଛି । ସେ କହିଛନ୍ତି ଦେଶର ନାଗରିକଙ୍କ ଉପରେ ରହିଥିବା ବୋଝକୁ ହ୍ରାସ କରିବା ତାଙ୍କ ସରକାରଙ୍କ ଦାୟିତ୍ୱ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ତିନି ଦଶନ୍ଧି ଧରି ଏକ ଅସ୍ଥିର ସରକାରକୁ ଦେଖିଛି । ଯେଉଁଥିପାଇଁ ଦେଶର ବିକାଶ ପ୍ରଭାବିତ ହୋଇଛି । ସେ କହିଛନ୍ତି ଦେଶର ମତଦାତା ଏକ ସ୍ଥିର ସରକାରର କାର୍ଯ୍ୟ ଦେଖିସାରିଛନ୍ତି ଏବଂ ଏହା କ'ଣ କରିପାରେ ତାହା ମଧ୍ୟ ଅନୁଭବ କରିଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଥିବାବେଳେ ଆଜି ନାମାଙ୍କନ ପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ତୃତୀୟ ପର୍ଯ୍ୟାୟରେ ୧୦ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନ ପାଇଁ ଆସନ୍ତା ୭ ତାରିଖରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ । ଆସନ୍ତାକାଲି ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ଗୁଜୁରାଟରେ ୫ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମଧ୍ୟ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଆଜି ଅନୁଷ୍ଠିତ ହେବ ।

ଇତିମଧ୍ୟରେ ଚତୁର୍ଥପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ଚତୁର୍ଥ ପର୍ଯ୍ୟାୟରେ ୯ଟି ରାଜ୍ୟ ସମେତ ଜାମ୍ମୁ ଓ କାଶ୍ମୀରରେ ଆସନ୍ତା ମେ’ ୧୩ ତାରିଖରେ ୯୬ଟି ଲୋକସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟାର ଶେଷ ତାରିଖ ଆସନ୍ତା ୨୫ ତାରିଖ ଧାର୍ଯ୍ୟ କରାଯାଇଛି ।

## କଂଗ୍ରେସ ପ୍ରାର୍ଥୀ ଘୋଷଣା

ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ୪ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୩ଜଣ ଥିବାବେଳେ ପଶ୍ଚିମବଙ୍ଗରୁ ଜଣେ ପ୍ରାର୍ଥୀଙ୍କ ନାମ ରହିଛି । ଓଡ଼ିଶାର ସମ୍ବଲପୁର ଲୋକସଭା ଆସନରୁ ଦୁଲାଲଚନ୍ଦ୍ର ପ୍ରଧାନଙ୍କୁ ଏବଂ ପଶ୍ଚିମବଙ୍ଗର କାନ୍ଥୀ ଆସନରୁ ଉର୍ବଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଦଳ ପ୍ରାର୍ଥୀ କରିଛି । ଓଡ଼ିଶାର କେନ୍ଦୁଝର ଆସନରେ ମୋହନ ହେମ୍ବ୍ରମଙ୍କ ସ୍ଥାନରେ ବିନୋଦ ବିହାରୀ ନାୟକଙ୍କୁ ପ୍ରାର୍ଥୀ କରାଯାଇଛି । କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ଏହି ଚୂଡାନ୍ତ ତାଲିକା ପ୍ରକାଶ ପାଇଛି ।

## ବିଜେପି କ୍ୟାଣ୍ଡିଡେଟ୍ ଡେଥ୍

ଉତ୍ତରପ୍ରଦେଶର ମୋରଦାବାଦ ଲୋକସଭା ଆସନର ବିଜେପି ପ୍ରାର୍ଥୀ କୁଅଁର ସର୍ବେସ ସିଂହ ଗତକାଲି ନୂଆଦିଲ୍ଲୀର ଏମ୍ସଠାରେ ପ୍ରାଣ ହରାଇଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ । ଗତ ଶୁକ୍ରବାର ପ୍ରଥମପର୍ଯ୍ୟାୟ ଲୋକସଭା ନିର୍ବାଚନ କାଳରେ ମୁରଦାବାଦ ଆସନ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହୋଇଯାଇଛି । କୁଅଁର ସିଂହ ୨୦୧୪ ମସିହାରେ ମୋରଦାବାଦରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।

## ଇଲେକ୍ସନ ଅପଟୁଡେଟ

ଦେଶରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଥିବାବେଳେ ଅବଶିଷ୍ଟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋର୍‌ଦାର ହୋଇଛି । ଦେଶବ୍ୟାପୀ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଏବଂ ସାମ୍ମୁଖ୍ୟ ଗୁଡ଼ିକର ବରିଷ୍ଠ ନେତା ଓ ତାରକା ପ୍ରଚାରକମାନେ ବିଭିନ୍ନ ର୍‍ୟାଲି ଓ ସଭା ମାଧ୍ୟମରେ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି । କେରଳର ୨୦ଟି ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ,

ପଶ୍ଚିମବଙ୍ଗ ଓ ଛତିଶଗଡର ୩ଟି ଲେଖାଏଁ ଏବଂ ତ୍ରିପୁରା ଓ ଜାମ୍ମୁ କାଶ୍ମୀରର ଗୋଟିଏ ଲେଖାଏଁ ଆସନ ପାଇଁ ଚଳିତ ମାସ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ ।

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଗତକାଲି ବେଙ୍ଗାଲୁରୁ ଓ କର୍ଣ୍ଣାଟକର ବିଭିନ୍ନ ନିର୍ବାଚନୀ ର୍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି । ସେ କହିଛନ୍ତି ତାଙ୍କ ସରକାରଙ୍କ ରିପୋର୍ଟ କାର୍ଡ ଲୋକଙ୍କୁ ଜଣାଇବା ସହ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିବେ । ସେ କହିଛନ୍ତି ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି ।

ସେ କହିଛନ୍ତି, ତାଙ୍କ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସହାୟତା କରିଛନ୍ତି । ୧କୋଟି ଲଖପତି ଦିଦିଙ୍କୁ କ୍ଷମତାପନ୍ନ କରାଯାଇଛି ଓ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଯୋଗୁଁ କୃଷକମାନେ ଲାଭାନ୍ୱିତ ହୋଇଛନ୍ତି । ଇଣ୍ଡିଆ ମେଣ୍ଟର କେହି ନେତା ନାହାନ୍ତି କିମ୍ବା କୌଣସି ବିଜନ୍ ନାହିଁ ବୋଲି ସେ କହିଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଦେବଗୌଡ଼ା ଏହି ଅବସରରେ ଉଦ୍‌ବୋଧନ ଦେଇ ଦୁର୍ନୀତିଗ୍ରସ୍ତ କଂଗ୍ରେସ ସରକାର ୨୦୧୪ରେ କ୍ଷମତାରୁ ଯିବା ପୂର୍ବରୁ ରାଜକୋଷକୁ ଖାଲି କରିଦେଇଥିଲା ବୋଲି କହିଛନ୍ତି ।

ଇତିମଧ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ପ୍ରଧାନମନ୍ତ୍ରୀଙ୍କ କର୍ଣ୍ଣାଟକ ଗସ୍ତ ଉପରେ ଏକ ବିବୃତ୍ତି ଜାରି କରିଛନ୍ତି । ପ୍ରଧାନମନ୍ତ୍ରୀ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ଗୁଡ଼ିକ ମଧ୍ୟରୁ କେତେ ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜେପି ନିର୍ବାଚନ ଇସ୍ତାହାରରେ ଥିବା 'ସୂର୍ଯ୍ୟ ଘର ମୁଫତ୍ ବିଜ୍‌ଲୀ' କାର୍ଯ୍ୟକ୍ରମ ଗରିବ ଲୋକମାନଙ୍କ ଉପରେ ବୋଝ ହୋଇଥିବାର ସେ ଦୋଷାରୋପ କରିଛନ୍ତି । ଗରିବ ଲୋକମାନେ ସୌର ପ୍ୟାନେଲ୍‌ର ଖର୍ଚ୍ଚ ବହନ କରି ପାରୁ ନାହାନ୍ତି ବୋଲି ସେ କହିଛନ୍ତି । ୨୦୧୪ ନିର୍ବାଚନ ଇସ୍ତାହାରରେ ସବୁ ରାଜ୍ୟରେ **AIIMS** ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିର ପୂରଣ ହୋଇନଥିବା କଥା ସେ କହିଛନ୍ତି ।

## ସମାଜବାଦୀ ପାର୍ଟି ନେତା ରିଜାଇନ୍ସ

ମହାରାଷ୍ଟ୍ରର ସମାଜବାଦୀ ପାର୍ଟି ବିଧାୟକ ରାଇସ୍ ସେକ୍ ଗତକାଲି ଇସ୍ତଫା ଦେଇଛନ୍ତି । ସେ ପୂର୍ବ ଭିୱାଣ୍ଡିର ବିଧାୟକ ଥିଲେ । ଶ୍ରୀ ସେକ୍ କହିଛନ୍ତି ଗତ କିଛିବର୍ଷ ହେବ ଦଳକୁ ବିଭିନ୍ନ ସମସ୍ୟା ବିଷୟରେ ଜଣାଇ ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉନଥିବାରୁ ସେ ଇସ୍ତଫା ଦେଇଛନ୍ତି ।

# ଇପିଏଫ୍‌ଓ

ଚଳିତବର୍ଷ ଫେବୃୟାରୀ ମାସରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଇପିଏଫ୍‌ଓରେ ୧୫ଲକ୍ଷ ୪୮ହଜାର ସଦସ୍ୟ ଯୋଡ଼ି ହୋଇଛନ୍ତି । ଭବିଷ୍ୟନିଧି ସଂଗଠନ ଦ୍ୱାରା ଜାରି କରାଯାଇଥିବା ବିବୃତ୍ତି ଅନୁସାରେ ଫେବୃୟାରୀ ମାସରେ ପ୍ରାୟ ୭ଲକ୍ଷ ୭୮ହଜାର ନୂତନ ସଦସ୍ୟଙ୍କୁ ନାମାଙ୍କିତ କରାଯାଇଛି । ନୂତନ ସଦସ୍ୟଙ୍କ ମଧ୍ୟରେ ୨ଲକ୍ଷରୁ ଅଧିକ ମହିଳା ଅଛନ୍ତି । ସେଥିମଧ୍ୟରେ ଅଧିକାଂଶ ୧୮ରୁ ୨୫ବର୍ଷ ବୟସ ବର୍ଗର ଅନ୍ତର୍ଭୁକ୍ତ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲି ସନ୍‌ରାଇଜର୍ସ ହାଇଦ୍ରାବାଦ ଦିଲ୍ଲୀ କ୍ୟାପିଟାଲ୍ସକୁ ୬୭ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି । ଗତକାଲି ନୂଆଦିଲ୍ଲୀର ଅରୁଣ୍ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୨୬୬ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଟ୍ରାଭିସ୍ ହେଡ୍

ଓ ଅଭିଷେକ ଶର୍ମା ପ୍ରଥମ ୬ ଓଭରରେ ୧୨୫ରନ୍ କରିଥିଲେ । ହେଡ୍ ୮୯ରନ୍ କରିଥିବାବେଳେ ଅଭିଷେକ ୪୬ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ୧୯ଓଭର ଗୋଟିଏ ବଲ୍‌ରେ ୧୯୯ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇଥିଲା । ଦଳପକ୍ଷରୁ ଜେକ୍ ଫ୍ରେସର-ମାକ୍ ଗ୍ରୁକ୍ ୧୮ଟି ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ । ଟ୍ରାଭିସ୍ ହେଡ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ସାଢ଼େ ୩ଟା ବେଳେ କୋଲକାତା ନାଇଟ୍ ରାଇଡର୍ସ' ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଭେଟୁଥିବାବେଳେ ସଂଧ୍ୟା ସାଢ଼େ ୭ଟା ସମୟରେ ଚଣ୍ଡିଗଡଠାରେ ପଞ୍ଜାବ କିଙ୍ଗ୍‌ସ ଓ ଗୁଜୁରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।